# OFSDP
## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
### ପ୍ରକଳ୍ପ ସୂଚନାପତ୍ର

ଭାଗ - ୨ ସଂସ୍କରଣ - ୩ ଜୁଲାଇ-ସେପ୍ଟେମ୍ବର, ୨୦୦୮


## ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଲେଖନୀରୁ........



୨୦୦୮ ଚାରାରୋପଣ ଋତୁ ଶେଷ ହେବା ମଧ୍ୟରେ ପ୍ରକଳ୍ପ ଦ୍ୱାରା ପ୍ରଥମ ଦଫାରେ ମନୋନୀତ ୬୧୦ବନ ସଂରକ୍ଷଣ ସମିତି ଦ୍ୱାରା ବ୍ୟାପକ ଚାରା ରୋପଣ କରାଯାଇଛି । ପ୍ରତି ବନ ସଂରକ୍ଷଣ ସମିତି ଦ୍ୱାରା ପ୍ରସ୍ତୁତ ଅଣୁ ଯୋଜନା ଅନୁସାରେ ୬୪୨୦୫.୮ ହେକ୍ଟର ଏଏନଆର ଚାରା ରୋପଣ ଓ ବ୍ଲକ୍ ଚାରାରୋପଣ କରାଯାଇଛି । ଏଥିସହ ୩୨୦ ହେକ୍ଟର ଅଞ୍ଚଳରେ ହେନ୍ତାଳ, ୫୦ ହେକ୍ଟର ଅଞ୍ଚଳରେ କାଜୁ ଗଛ ସମେତ ଅଣଯୁଗ୍ମ ବନ ପରିଚାଳନା ଯୋଜନାରେ ୬୨୫ ହେକ୍ଟର ଅଞ୍ଚଳରେ ଶାଗୁଆନ ଗଛ ଲାଗାଯାଇଛି । ସମ୍ପୃକ୍ତ ଅଞ୍ଚଳରେ ଚାରାରୋପଣ ପରେ ଆବଶ୍ୟକ ମୃତ୍ତିକା ଓ ଆଦ୍ରତା ସଂରକ୍ଷଣ କାର୍ଯ୍ୟ ସଠିକ୍ ଢଙ୍ଗରେ କରାଯାଉଛି ।

ଦ୍ୱିତୀୟ ଦଫାରେ ମନୋନୀତ ୬୬୫ ବନ ସଂରକ୍ଷଣ ସମିତି ଦ୍ୱାରା ଅଣୁ ଯୋଜନା ପ୍ରସ୍ତୁତି ଚାଲିଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ ଡିଜିପିଏସ୍ ସର୍ଭେ ଦ୍ୱାରା ମ୍ୟାପ କାର୍ଯ୍ୟ ଆଗେଇ ଚାଲିଛି ।


ପ୍ରଥମ ଦଫାରେ ମନୋନୀତ ହୋଇଥିବା ବନ ସଂରକ୍ଷଣ ସମିତିର କାର୍ଯ୍ୟାଳୟଗୁଡ଼ିକୁ 'ଗ୍ରାମ୍ୟ ସମ୍ବଳ କେନ୍ଦ୍ର' ଭାବେ ବ୍ୟବହାର କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି । ଅନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଜୀବିକା ନିର୍ବାହ ସୁଯୋଗର ବିଶ୍ଳେଷଣ ଓ ସାତକୋଶିଆ ଏବଂ କୁଳଡିହା ଅଞ୍ଚଳରେ ପରିବେଶ ପର୍ଯ୍ୟଟନ ଓ ଜୈବ ବିବିଧତା ପରିଚାଳନା ପାଇଁ ନୀତିଗତ ଯୋଜନା ପ୍ରସ୍ତୁତି ଚାଲିଛି ।

ଅଂଶୀଦାରଙ୍କ ସୁବିଧା ତଥା ପ୍ରସ୍ତୁତି ପାଇଁ ଏହି ସୂଚନାପତ୍ରରେ ଆଗକୁ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରାଯାଇଛି । ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟର ସଠିକ୍ ରୂପାୟନରେ ଅଂଶୀଦାର ବ୍ୟକ୍ତିଙ୍କ ଐକ୍ୟବଦ୍ଧ ଉଦ୍ୟମ ନିମନ୍ତେ ଏହା ଅତି ଆବଶ୍ୟକ । ପ୍ରକଳ୍ପର ବିଭିନ୍ନ ଅଞ୍ଚଳରୁ ଉତ୍ସାହପ୍ରଦ ଫଳ ମିଳିବାରେ ଲାଗିଛି ଏବଂ ଅଦ୍ୟାବଧି କାର୍ଯ୍ୟକାରୀ ଯୋଜନାଗୁଡ଼ିକରେ ଗୋଷ୍ଠୀ ଦେଖାଇଥିବା ବିଶ୍ୱାସ ଭବିଷ୍ୟତରେ ଅଂଶୀଦାରମାନଙ୍କୁ ଅଧିକ ମିଳିତ କାର୍ଯ୍ୟକ୍ରମ ଗ୍ରହଣ କରିବାର ରାସ୍ତା ଦେଖାଇବ ।

**ଅରୁଣ କୁମାର ବଂଶଲ୍**

## ସଫଳତା ବାଣ୍ଟୁଛନ୍ତି

ବନ ସଂରକ୍ଷଣ ସମିତିର ବିବର୍ତ୍ତନ ପାଣ୍ଠିରୁ ବହୁ ସ୍ୱୟଂ ସହାୟକ ଗୋଷ୍ଠୀ ଅଣୁ ଯୋଜନା ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ଆର୍ଥିକ ସହାୟତା ପାଇଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏହି ସହାୟତା ଦ୍ୱାରା ଭଲ ଲାଭ ପାଇବା ସହ ପ୍ରକଳ୍ପ ଅଧୀନରେ ଏପରି କାର୍ଯ୍ୟ କରି ଲାଭ ଉଠାଇବାକୁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଉଛନ୍ତି । ବାରକୋଟ ରେଞ୍ଜ ଅନ୍ତର୍ଗତ ଗୋଏଲମରା ଗ୍ରାମର ଲକ୍ଷ୍ମୀପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ବନ ସଂରକ୍ଷଣ ସମିତିରୁ ଆର୍ଥିକ ସହାୟତା ନେଇ ଏପରି ଲାଭବାନ ହୋଇଥିବାରୁ ତାହାର ସଭାପତି ତାଙ୍କର ସେହି ଅଭିଜ୍ଞତାକୁ ଅନ୍ୟମାନଙ୍କ ସହ ବାଣ୍ଟିବାକୁ ଅନ୍ୟ ଏକ ଅଜଣା ବନ୍ଧୁଙ୍କୁ ପତ୍ର ଲେଖିଛନ୍ତି । ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ପ୍ରକଳ୍ପର ସାହାଯ୍ୟ ଉଠାଇବାକୁ ସେ ପତ୍ରରେ ପରାମର୍ଶ ଦେଇଛନ୍ତି । ଲକ୍ଷ୍ମୀପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଲେଖିଥିବା ସେହି ବିସ୍ତୃତ ପତ୍ରର କିୟଦାଂଶ ଏଠାରେ ଉପସ୍ଥାପନ କରାଗଲା ।



### ସ୍ୱୟଂ ସହାୟକ ଗୋଷ୍ଠୀ ହିତାଧିକାରୀଙ୍କ ଠାରୁ ଏକ ପତ୍ର

ପ୍ରିୟ ବନ୍ଧୁ,

ମୋର ସ୍ନେହ ନେବ ଓ ଅନ୍ୟମାନଙ୍କୁ ମଧ୍ୟ ଦେବ । ବନ୍ଧୁ ତମେ ଗତବର୍ଷ ଆମ ଗାଁକୁ ଆସି ଏଠାରେ କିଛି ଦିନ ରହିଥିଲ । ତମେ ଜାଣ, ରେଙ୍ଗାଲି ବନ୍ଧ ଯୋଗୁଁ ଆମ ଗାଁର ବହୁ ଲୋକ ଚାଷ ଜମି ହରାଇଥିଲେ ଓ ମାତ୍ର  କେତେ ଏକର ଜମି ଥିଲା । ୮୫ ପରିବାର ତା ଉପରେ ନିର୍ଭର କରନ୍ତି । ଗତ ପାଞ୍ଚ ବର୍ଷ ମଧ୍ୟରେ ଗାଁରେ ଆମେ ଛଅଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଛୁ । ମୁଁ ତୁମକୁ ପୂର୍ବରୁ କହିଛି ଯେ ମୁଁ ଓ ମୋର ୧୩ ଜଣ ପଡ଼ୋଶୀ ମିଶି ଲକ୍ଷ୍ମୀ ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଛୁ ।

ଚଳିତ ବର୍ଷ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଆମେ ବନ ସଂରକ୍ଷଣ ସମିତି ଜରିଆରେ ସେଥିରେ ଭାଗ ନେଇଥିଲୁ । ସେଥିରେ ଗାଁ ପାଖ ୬୩.୫ ହେକ୍ଟର ଜମିରେ ଚାରାରୋପଣ କରାଯାଇଥିଲା । ବନ ସଂରକ୍ଷଣ ସମିତି ବିବର୍ତ୍ତନ ପାଣ୍ଠିରୁ ଆମ ସ୍ୱୟଂ ସହାୟକ ଗୋଷ୍ଠୀ ୮୦୦୦ ଟଙ୍କା ଋଣ ନେଇଥିଲା । ଚଳିତ ବର୍ଷ ବିଳମ୍ବିତ ବର୍ଷା ଯୋଗୁଁ ଆମେ ଧାନ ଚାଷ କରିପାରି ନଥିଲୁ । କ୍ଷତି ପୂରଣ ଲାଗି ସେହି ଜମିରେ ଆମେ ଟି-୯ ବିରି ଚାଷ କରିଥିଲୁ । ତମେ ଜାଣି ଖୁସି ହେବ ମାତ୍ର ତିନି ମାସରେ ଆମେ ୨୮୦ କେଜି ବିରି ବିକି ୧୧୨୦୦ ଟଙ୍କା ପାଇଥିଲୁ । ଆମେ ସେ ଟଙ୍କାକୁ ଜମା ଖାତାରେ ଜମା କରିଦେଇଥିଲୁ । ସେ ଟଙ୍କାକୁ ଆମେ ଆଳୁ ଚାଷରେ ଲଗାଇବୁ ବୋଲି ଚିନ୍ତା କରିଛୁ । ସେଥିପାଇଁ ଗାଁ ପୋଖରୀରୁ ପାଣି ନେବୁ ।

ତମେ ଜାଣିଛ କି ? ଦିବ୍ୟଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ବିରି ଚାଷ କରି ୩୦୦୦ ଟଙ୍କା ଲାଭ ପାଇଛନ୍ତି । ବନ ସଂରକ୍ଷଣ ସମିତି ବିବର୍ତ୍ତନ ପାଣ୍ଠିରୁ ସେମାନେ ୫୦୦୦ ଟଙ୍କା ଋଣ ନେଇଥିଲେ । ସେମାନେ ମଧ୍ୟ ସେହି ଟଙ୍କାକୁ ଆଳୁ ଚାଷରେ ଲଗାଇବାକୁ ଚିନ୍ତା କରୁଛନ୍ତି । ପାଖ ଲକ୍ଷ୍ମୀପୁର ଗାଁର ମା' ଶାରଳା ଓ ମା' କମଳା ସ୍ୱୟଂ ସହାୟକ ଗାଷ୍ଠୀ ମଧ୍ୟ ଓଏଫ୍ଏସ୍ଡିପି ସହାୟତାରେ ଖମ୍ବଆଳୁ ଚାଷ କରିଛନ୍ତି । ଓଏଫ୍ଏସ୍ଡିପି ଲାଗି ଆମ ସମସ୍ତଙ୍କର ଆୟ ବଢ଼ିଯାଇଛି ।

ତମ ସ୍ୱୟଂ ସହାୟକ ଗୋଷ୍ଠୀ ବିଷୟରେ ଆମକୁ ଲେଖିବ । ଯଦି ତମର ସ୍ୱୟଂ ସହାୟକ ଗୋଷ୍ଠୀ ନାହିଁ ତେବେ ତୁରନ୍ତ ଗୋଟିଏ ଗଠନ କରି ଓଏଫ୍ଏସ୍ଡିପିର ସହାୟତା ଲାଭ କର । ଆଉ ବେଶୀ କଣ ଲେଖିବି ।

ତମର ରୀନା

*Capacity Development...*

# ଭିତ୍ତିରେଖା ସର୍ଭେ ପାଇଁ ତାଲିମ







କ୍ରମାଗତ ତାଲିମ କାର୍ଯ୍ୟକ୍ରମ ମଧ୍ୟରେ ସର୍ଭେୟର ଓ ସର୍ଭେ ସୁପରଭାଇଜରଙ୍କ ପାଇଁ ଭିତ୍ତିରେଖା ସର୍ଭେ ଉପରେ ନାବକନ୍ସ ଏକ ତାଲିମ କାର୍ଯ୍ୟକ୍ରମ ୨୦୦୮ ସେପ୍ଟେମ୍ବର ୧୨ ତାରିଖରେ ଆୟୋଜନ କରିଥିଲା । ନାବାର୍ଡ଼ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରରେ ଆୟୋଜିତ ଏହି ତାଲିମରେ ୨୦ ଜଣ ସର୍ଭେକାରୀ ଯୋଗଦେଇଥିଲେ । ସର୍ଭେ କ'ଣ ପାଇଁ କରାଯାଉଛି ତାହା ସାଧାରଣଭାବେ ବୁଝିବା ପାଇଁ ପ୍ରଶ୍ନାବଳୀ କିପରି ହେବା ଉଚିତ ତାହା ସର୍ଭେକାରୀଙ୍କୁ ଜଣାଇବା ଏହି ତାଲିମର ମୂଳ ଲକ୍ଷ୍ୟ ଥିଲା ।

ଓଏଫ୍ଏସ୍‌ଡିପିର ଉପପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଏ.ସି. ଦିନାକର ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ଲକ୍ଷ୍ୟ କଣ ତାହା ବୁଝାଇ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟକାରିତାରେ ବିଭିନ୍ନ ପଦାଧିକାରୀଙ୍କ ଭୂମିକା କ'ଣ ତାହା ମଧ୍ୟ ସେ ବୁଝାଇଥିଲେ । ପ୍ରକଳ୍ପ ଅଧୀନ ଗ୍ରାମଗୁଡ଼ିକରେ ଜୀବିକା ନିର୍ବାହ ଧାରାର ଭିତ୍ତିରେଖା ସର୍ଭେର ଆବଶ୍ୟକତା ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ସର୍ଭେ କରିବାବେଳେ ଯେଉଁ କେତେକ ସାଧାରଣ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ତାହାକୁ କିପରି ଏଡ଼ାଇ ହେବ ସେ ସମ୍ପର୍କରେ ଓଏଫ୍ଏସ୍‌ଡିପିର ପରାମର୍ଶଦାତା ସଲଭ ଭରଦ୍ୱାଜ ଜଣାଇଥିଲେ । କେଉଁ ଧାରାରେ ସର୍ଭେ କରାଯାଏ ଓ ସର୍ଭେବେଳେ କେଉଁ କେଉଁ ଉପାଦାନକୁ ମନରେ ରଖାଯାଏ ଏବଂ ପ୍ରଶ୍ନାବଳୀ ପ୍ରସ୍ତୁତିବେଳେ କେଉଁ ସାଧାରଣ ସମସ୍ୟା ଦେଖାଦିଏ ତଥା ତାହାର ସମାଧାନ ବିଷୟରେ ମଧ୍ୟ ସେ କହିଥିଲେ । ନାବାର୍ଡ଼ର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ନାବାର୍ଡ଼ର ଏଜିଏମ ଶ୍ରୀ ଡି.ପି. ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ନାବାର୍ଡ଼ର ପରିଚାଳକ ଶ୍ରୀ ଏମ.ଏମ. ବେହେରା ଧନ୍ୟବାଦ ଦେଇଥିଲେ ।

# ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗର ପାରସ୍ପରିକ ମୂଲ୍ୟାୟନ

ସାମୟିକ ମୂଲ୍ୟାୟନ ଓ ସହଯୋଗ ପାଇଁ ପ୍ରକଳ୍ପ ସମୟେ ସମୟେ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟନିର୍ବାହୀଙ୍କ ସହ ବୈଠକ ଆୟୋଜନ କରାଏ । ଏପରି ଏକ କାର୍ଯ୍ୟକ୍ରମରେ ୧୬ ଜୁଲାଇ ୨୦୦୮ରେ ସ୍ୱେଚ୍ଛାସେବୀ ସଙ୍ଗଠନ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସହ ପ୍ରକଳ୍ପ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ବୈଠକ ଆୟୋଜନ କରାଯାଇଥିଲା । ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ପ୍ରକଳ୍ପର ସଫଳତା ଉପରେ ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ବଂଶଲ ଆଲୋକପାତ କରିଥିଲେ । ଭବିଷ୍ୟତରେ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଶ୍ରୀ ବଂଶଲ ବିସ୍ତୃତଭାବେ ଅଲୋଚନା କରିଥିଲେ । ମୁଖ୍ୟତଃ ଜିଲ୍ଲା ପରାମର୍ଶଦାତା କମିଟି ସହ ସମନ୍ୱୟ ରକ୍ଷା କରି ଅନ୍ୟ ସରକାରୀ ଯୋଜନା ସମେତ ପ୍ରକଳ୍ପ କାର୍ଯ୍ୟର ସଫଳ ରୂପାୟନ ସେ ଗୁରୁତ୍ୱ ଦେଇଥିଲେ ।

ପ୍ରତି ସ୍ୱେଚ୍ଛାସେବୀ ସଙ୍ଗଠନ ଦୁଇଟି ନମୂନା ଆଗ୍ରୋ-ଫରେଷ୍ଟ୍ରି ଫାର୍ମ ଓ ପ୍ରତି କ୍ଷେତ୍ର ପରିଚାଳନା କେନ୍ଦ୍ର ରେ ଚାଷୀଙ୍କ ଦ୍ୱାରା ସେହିପରି ଦୁଇଟି ମଡ଼େଲ ପ୍ରସ୍ତୁତ କରିବାକୁ ଶ୍ରୀ ବଂଶଲ ପରାମର୍ଶ ଦେଇଥିଲେ । କ୍ଷେତ୍ର ପରିଚାଳନା କେନ୍ଦ୍ର ଓ ଆଞ୍ଚଳିକ ପରିଚାଳନା କେନ୍ଦ୍ରକୁ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିବା ନିମନ୍ତେ ସାଧାରଣ ପରାମର୍ଶଦାତାର ମୁଖ୍ୟ ଏମ.ଜି. ଗୋଗଟେ ସଙ୍ଗଠନ ମୁଖ୍ୟମାନଙ୍କୁ ନିବେଦନ କରିଥିଲେ ।

ଯାହାଦ୍ୱାରା ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ ଉପଯୁକ୍ତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ କିପରି କାର୍ଯ୍ୟଦକ୍ଷତା ବୃଦ୍ଧି କରିପାରିବେ ସେ ନେଇ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ) ପରାମର୍ଶ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ କାର୍ଯ୍ୟକର୍ତ୍ତାଙ୍କୁ ନିଯୁକ୍ତି ଦେବାବେଳେ ଉପଯୁକ୍ତ ଚୁକ୍ତିନାମା କରାଯାଇପାରିଲେ ସେମାନେ ସହଜରେ କାର୍ଯ୍ୟ ଛାଡ଼ିପାରିବେ ନାହିଁ ସେଥିପ୍ରତି ଧ୍ୟାନ ଦେବାକୁ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ସଙ୍ଗଠନ ମୁଖ୍ୟମାନଙ୍କୁ ପରାମର୍ଶ ଦେଇଥିଲେ ।





### 'ସମ୍ପଦପୂର୍ଣ୍ଣ ଗୋଷ୍ଠୀ ଓ ସୁସ୍ଥ ଜଙ୍ଗଲ' ଦିଗରେ

## ଓଏଫ୍ଏସ୍ଡିପିର ଆୟକାରୀ ପନ୍ଥା ରଣନୀତି

ଶ୍ରୀ ଏମ୍.ଜି. ଗୋଗତେ (ଟିମ୍ ଲିଡର, ଜି.ସି)

ସାଧନଯୋଗ୍ୟ ଅଣୁ-ଉଦ୍ୟୋଗଭିତ୍ତିକ ସହଯୋଗ ଦ୍ୱାରା ଜଙ୍ଗଲ ଉପରେ ନିର୍ଭର କରୁଥିବା ଗୋଷ୍ଠୀ / ଆଦିବାସୀଙ୍କର ଜୀବନ ଯାପନର ମାର୍ଗରେ ଉନ୍ନତି ଆଣିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ । ଚାରି ହଜାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ଆୟରେ ବୃଦ୍ଧି ଘଟାଇ ତାହାକୁ ବଜାୟ ରଖିବାର ବ୍ୟବସ୍ଥା ରହିଛି । ପୂର୍ବ ଅଭିଜ୍ଞତାରୁ ଶିଖି ପ୍ରକଳ୍ପ ଆୟକାରୀ ପନ୍ଥାକୁ ଏକମାତ୍ର କାର୍ଯ୍ୟଭାବେ ଗ୍ରହଣ କରୁନାହିଁ, କିମ୍ବା 'ଲକ୍ଷ୍ୟ' ଓ 'ଯୋଗାଣ' ଦ୍ୱାରା ପରିଚାଳିତ ପଦକ୍ଷେପଭାବେ ଏସଏଚଜି ଉପରେ ଲଦି ଦେଉନାହିଁ । ସ୍ୱୟଂ ସହାୟକ ଗୋଷ୍ଠୀ ମୂଲ୍ୟାୟନ ଓ ମନୋନୟନ ଠାରୁ ଆରମ୍ଭ କରି ବଜାର ଯୋଗାଯୋଗ ବ୍ୟବସ୍ଥା କରାଇବା ଯାଏଁ ଏହି ପ୍ରକଳ୍ପ ବ୍ୟାପକ ବ୍ୟବସ୍ଥା ରଖିଛି ଓ ବିସ୍ତୃତ ଯୋଜନା ସହ କାର୍ଯ୍ୟ କରୁଛି ।

ପ୍ରକୃତ ସ୍ୱୟଂ ସହାୟକ ଗୋଷ୍ଠୀ ମନୋନୟନ ହେଉଛି ଭିତ୍ତି ପ୍ରସ୍ତର ସ୍ଥାପନ ସଦୃଶ ଯାହାକି ବନ ସଂରକ୍ଷଣ ସମିତି ଦ୍ୱାରା ପକାଯାଇଛି । ଏଥିପାଇଁ ବିଭିନ୍ନ ମାନଦଣ୍ଡ ରହିଛି, ଯଥା ଯୋଗ୍ୟତା, ଦକ୍ଷତା, ଉପଯୋଗିତା (ଇଚ୍ଛା) ଏବଂ ପୂର୍ବ ଅଭିଜ୍ଞତା ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛନ୍ତି । ଆବଶ୍ୟକ ଦକ୍ଷତା ବୃଦ୍ଧି ପାଇଁ ସେଠାରେ ବ୍ୟବସ୍ଥା ଥିବାବେଳେ ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ମାଇକ୍ରୋଫାଇନାନ୍ସରେ ଅଧିକ ଦକ୍ଷ କରାଇବାରେ ମଧ୍ୟ ଏନଜିଓ ଦଳର ସଭ୍ୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ ପକ୍ଷଙ୍କ ପରାମର୍ଶ ସହ ମୂଲ୍ୟଭିତ୍ତିକ ବିଶ୍ଳେଷଣ ଦ୍ୱାରା ଅଞ୍ଚଳଭିତ୍ତିକ ଆୟକାରୀ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ପାଇଁ ପ୍ରକଳ୍ପ ବାହାରର ଏକ ଦକ୍ଷ ମାର୍କେଟ ରିସର୍ଚ୍ଚ ସଂସ୍ଥା ମାର୍ଟକୁ ପ୍ରକଳ୍ପ ଦାୟିତ୍ୱ ଦେଇଛି । ଏଥିରୁ ବାହାରିବାକୁ ଥିବା ନିଷ୍କର୍ଷକୁଏକ ସାଧନଯୋଗ୍ୟ ଏବଂ ପ୍ରଣୟନଯୋଗ୍ୟ ବ୍ୟବସାୟିକ ଯୋଜନାରେ ବିକଶିତ କରାଯିବ । ପ୍ରକଳ୍ପ ଅନୁସାରେ ଉପଯୁକ୍ତ ଆନୁଷ୍ଠାନିକ ଯୋଜନା ହେବାର ଆଶା କରାଯାଉଛି । ମାର୍କେଟିଂ/ପ୍ରସେସିଂ/ଟ୍ରେନିଂ ଏବଂ ସମ୍ପଦ/ଜ୍ଞାନ ବାବଦରେ ଥିବା ସୁଯୋଗ ପାଇଁ ପ୍ରତୀୟମାନ ପ୍ରତିଷ୍ଠାନ/ମାଧ୍ୟମର ମଧ୍ୟ ବିବରଣୀ ନିଆଯିବ । ଏହି ତଥ୍ୟ ଭିତ୍ତିରେ ଅନ୍ୟାନ୍ୟ ଜୀବନ ଯାପନର ମାର୍ଗ କାର୍ଯ୍ୟକ୍ରମ/ଯୋଜନା/ପ୍ରତିଷ୍ଠାନ ଗୁଡ଼ିକର ସାହାଯ୍ୟ ନେଇ ଏକାଭିମୁଖୀକରଣ କରାଯିବ ।

ଯାହା ଜଣାଯାଇଛି, ମୁଖ୍ୟ ଯୋଜନାରେ କ୍ଷୁଦ୍ର ଆବର୍ତ୍ତନ ପାଣ୍ଠି ସହାୟତା ନଅଟି ବନଖଣ୍ଡ ପରିଚାଳନା କେନ୍ଦ୍ର ଅଧୀନରେ ଥିବା ୧୪୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି । ଏଗୁଡ଼ିକୁ ଏବେ ବିଶ୍ଳେଶଣ କରାଯାଉଛି ଓ ପ୍ରାପ୍ତ ଶିକ୍ଷାକୁ ଭବିଷ୍ୟତରେ ୪୦୦୦ ଏସଏଚଜି ପାଇଁ ପ୍ରସ୍ତୁତ ମୁଖ୍ୟସ୍ରୋତର ଆୟକାରୀ କାର୍ଯ୍ୟକଳାପରେ ସାମିଲ କରାଯିବ । ପ୍ରକଳ୍ପ ଅଂଶୀଦାରମାନେ ଏସଜିଏସୱାଇ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଚଳିତ ତଥା ଆଗକୁ ଆସିବାକୁ ଥିବା ବିଭିନ୍ନ ଏସଏଚଜି ପ୍ରୋତ୍ସାହନ ଯୋଜନାରୁ ଅଭିଜ୍ଞତାକୁ ଏକତ୍ର କରୁଛନ୍ତି ।

ଏହି ସମସ୍ତ ନିଷ୍ପତ୍ତିମୂଳକ ଜ୍ଞାନ ଓ ସମ୍ପଦର ତଥ୍ୟ ପ୍ରକଳ୍ପର ଆର୍ଥିକ ଓ ମାନବ ସମ୍ବଳରେ ସାମିଲ ହୋଇଛି । ତେଣୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ପ୍ରକଳ୍ପ ବନଖଣ୍ଡଗୁଡ଼ିକରେ ଜୀବନଯାପନର ମାର୍ଗରେ ଇଚ୍ଛା ଅନୁରୂପ ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି । ବନାଞ୍ଚଳ କାର୍ଯ୍ୟକ୍ରମ ନିଜ ସ୍ଥାନରେ ଥାଇ ମଧ୍ୟ ଏହି ଆୟକାରୀ କାର୍ଯ୍ୟକଳାପ ଗତି ପ୍ରକଳ୍ପକୁ ତାର ଲକ୍ଷ୍ୟ (ସମ୍ପଦପୂର୍ଣ୍ଣ ଗୋଷ୍ଠୀ ଓ ସୁସ୍ଥ ଜଙ୍ଗଲ) ପୂରଣ ଦିଗରେ ତ୍ୱରାନ୍ୱିତ କରାଇବ ।

## ବନ୍ଧକରଞ୍ଜ ବନ ସଂରକ୍ଷଣ ସମିତି

### ସଫଳତାର ଏକ ନମୁନା...





ପ୍ରକଳ୍ପର ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ବିଭିନ୍ନ କାର୍ଯ୍ୟ କରି ରାୟଗଡ଼ା ଆଞ୍ଚଳିକ ପରିଚାଳନା କେନ୍ଦ୍ରର କେ. ସିଙ୍ଗପୁର କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ୪୫ଟି ଆଦିବାସୀ ପରିବାରକୁ ନେଇ ଗଠିତ ବନ୍ଧକରଞ୍ଜ ବନ ସଂରକ୍ଷଣ ସମିତି ବ୍ୟାପକ ସଫଳତା ହାସଲ କରିପାରିଛି । ଗ୍ରାମବାସୀ ମିଳିତଭାବେ ବନ ସଂରକ୍ଷଣ ସମିତି ଦ୍ୱାରା ଅନ୍ୟ ବିଭାଗ ସହ ଏକାଭିମୁଖୀକରଣ ମାଧ୍ୟମରେ ସଫଳତା ପାଇପାରିଛନ୍ତି ।

- ପାନିକିରାଣି ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମ ପଞ୍ଚାୟତ ସହାୟତାରେ ଗ୍ରାମ୍ୟ ପୋଖରୀର ପୁନରୁଦ୍ଧାର କରି ସେଥିରେ ସଫଳତାର ସହ ଆୟକାରୀ କାର୍ଯ୍ୟକ୍ରମ ଭାବେ ମାଛ ଚାଷ କରିପାରିଛି ।
- ଜଳଛାୟା ପ୍ରକଳ୍ପ ସହାୟତାରେ ଗ୍ରାମ୍ୟ ପୋଖରୀରେ ଗାଧୁଆ ତୁଠ ନିର୍ମାଣ କରାଯାଇଛି ।
- କେ. ସିଙ୍ଗପୁର ବ୍ଲକ୍ ଫଣ୍ଡରୁ ଗ୍ରାମରେ ପାଣି ପ୍ରବେଶକୁ ରୋକିବା ପାଇଁ ଏକ ରକ୍ଷା ବନ୍ଧ ନିର୍ମାଣ କରାଯାଇଛି ।

### ବନ ସଂରକ୍ଷଣ ସମିତି କାର୍ଯ୍ୟାଳୟର ବହୁମୁଖୀ ବ୍ୟବହାର -

- ମାସର ପ୍ରତି ୫ ଓ ୨୨ ତାରିଖରେ ଉଭୟ ବନ ସଂରକ୍ଷଣ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ପାକ୍ଷିକ ବୈଠକ ଆୟୋଜନ ।
- ସେଠାରେ ଛୁଆମାନଙ୍କ ଲାଳନପାଳନ ପାଇଁ ଏକ କେନ୍ଦ୍ର ଚାଲୁଛି ।
- କେ. ସିଙ୍ଗପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତରଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିବା ଔଷଧ ସାମାନ୍ୟ ୟୁଜର୍ସ ଫି ନେଇ ସେଠାରେ ବଣ୍ଟନ କରାଯାଉଛି ।

### ବନୀକରଣ କାର୍ଯ୍ୟରେ ପ୍ରତ୍ୟକ୍ଷ ସହଯୋଗ

କରାଯାଇଥିବା ଚାରାରୋପଣକୁ ଗାଈଗୋରୁଙ୍କ ଦାଉରୁ ରକ୍ଷା କରିବା ପାଇଁ ସେମାନେ ସମ୍ପୃକ୍ତ ଅଞ୍ଚଳରେ ନିଜ ତରଫରୁ ବାଡ଼ କରିଛନ୍ତି ।

ଜଙ୍ଗଲ ସୁରକ୍ଷା ପାଇଁ ବନ ସଂରକ୍ଷଣ ସମିତି ସଭ୍ୟଙ୍କ ପ୍ରତି ଘର ଅନୁସାରେ ଠେଙ୍ଗାପାଳି କରାଯାଉଛି ।

ପ୍ରତି ପକ୍ଷରେ ଲାଗାଯାଇଥିବା ଆମ୍ବ କଲମି ଗଛ ମୂଳରୁ ଘାସ ବଛାଯିବା ସହ ମାଟିକାମ କରାଯିବା ପାଇଁ ଶ୍ରମଦାନ କରାଯାଉଛି । ଏହି ଆମ୍ବଗଛଗୁଡ଼ିକର ଉପଯୁକ୍ତ ଯତ୍ନ ନେବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି । ଫେବୃୟାରୀ-ମାର୍ଚ୍ଚ ମାସରେ ଘାସ ବଛାବଛି ସହ କମ୍ପୋଷ୍ଟ ଦେବା, ଗ୍ରୀଷ୍ମଋତୁରେ ଜଳ ସିଞ୍ଚନ ଆଦି କରାଯିବାକୁ ଯୋଜନା ରହିଛି ।

### ଆୟକାରୀ କାର୍ଯ୍ୟକ୍ରମର ସଫଳତା

୧୨ ଜଣ ସଭ୍ୟଙ୍କୁ ନେଇ୨୦୦୩ରେ ଗଠିତ ଅଶ୍ୱରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଅଚଳ ହୋଇ ରହିଥିଲା, କିନ୍ତୁ ୨୦୦୭-୦୮ରେ ଓଏଫ୍ଏସ୍ଡିପି ଦ୍ୱାରା ତାକୁ ପୁନର୍ଜୀବନ ପ୍ରଦାନ କରାଗଲା । ଆୟକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ବନ ସଂରକ୍ଷଣ ସମିତି ଏହି ଗୋଷ୍ଠୀକୁ ୩୦୦୦ ଟଙ୍କା ପ୍ରଦାନ କଲା । ସେମାନଙ୍କ ପାଖରେ ଗଚ୍ଛିତ ଥିବା ୪୦୦ ଟଙ୍କାକୁ ଏଥିରେ ମିଶାଇ ସେମାନେ ୫୮୦ କେଜି ତେନ୍ତୁଳି କିଣିଲେ । ତାକୁ ବିକ୍ରି କରିବା ପୂର୍ବରୁ ସେଥିରୁ ମଞ୍ଜି ବାହାର କରିବା ଓ ଶୁଖାଇବା ପରି କାର୍ଯ୍ୟ କରାଯାଇଥିଲା । ଏହି ମାର୍ଜିତ ତେନ୍ତୁଳିକୁ ସେମାନେ କେ.ଜି. ପିଛା ୧୪ ଟଙ୍କା ଦରରେ ବିକ୍ରି କଲେ । ଶୁଖାଇବା ଓ ମଞ୍ଜି ଛଡ଼ାଇବା ପରି ପ୍ରାଥମିକ କାର୍ଯ୍ୟର ମୂଲ୍ୟ ବାହାର କରିବା ପରେ ସେମାନେ ୧୧୭୪ ଟଙ୍କାର ଲାଭ ପାଇଲେ । ଯାହାକି ଏବେ ସେମାନଙ୍କ ଜମା ଖାତାରେ ଗଚ୍ଛିତ ଅଛି ।

ଏପରି ସଫଳତା ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇଦେଇଛି । ଆଗାମୀ ଋତୁରେ ସେମାନେ ଏହି ବ୍ୟବସାୟ ବଡ଼ ଆକାରରେ କରିବାକୁ ଅଣ୍ଟା ଭିଡ଼ିଛନ୍ତି ।

ଶ୍ରୀ ଅରବିନ୍ଦ ମହାନ୍ତି, କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ
ଗଙ୍ଗାଧର ମିଶ୍ର, ବନ ସଂରକ୍ଷଣ ସମିତି ସଭ୍ୟ ସଚିବ
ସ୍ୱେଚ୍ଛାସେବୀ ସଙ୍ଗଠନ, ଶକ୍ତି, ରାୟଗଡ଼ା ଆଞ୍ଚଳିକ ପରିଚାଳନା କେନ୍ଦ୍ର

# ସହଯୋଗ ସଫଳତାର ମୂଳମନ୍ତ୍ର

## Awakening in Hanumanpur



ଅନଗୁଳ ଜିଲ୍ଲାର କଣିହାଁ ସି.ଡ଼ି. ବ୍ଲକ୍‌ରେ ହନୁମାନପୁର ଗ୍ରାମ ଅବସ୍ଥିତ । ଗ୍ରାମରେ ୧୧୪ ପରିବାର ରହନ୍ତି ଓ ସେମାନେ ଘର ତିଆରି ସାମଗ୍ରୀ, କୃଷି ସାମଗ୍ରୀ ଓ ଜାଳେଣୀ ପାଇଁ ନିକଟସ୍ଥ କାଇଝର ସଂରକ୍ଷିତ ଜଙ୍ଗଲ ଉପରେ ନିର୍ଭର କରନ୍ତି ।

୨୦୦୭ରେ ହନୁମାନପୁର ଗ୍ରାମରେ ବନ ସଂରକ୍ଷଣ ସମିତି ଗଠନ କରାଯାଇ ତାକୁ ପ୍ରକଳ୍ପରେ ସାମିଲ କରାଗଲା । ପ୍ରଥମେ ପ୍ରଥମେ ଲୋକେ ପ୍ରକଳ୍ପ କାମରେ ସାମିଲ ହେବାକୁ ଅନିଚ୍ଛୁକ ଥିଲେ । ମାତ୍ର ଅଧିକାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କ ଉଦ୍ୟମ ପରେ ସେମାନେ ପ୍ରକଳ୍ପ କାର୍ଯ୍ୟର ମହତ୍ତ୍ୱ ବୁଝିଲେ ଓ ଅଣୁଯୋଜନା ପ୍ରସ୍ତୁତି ପରେ ସେଠାରେ କାର୍ଯ୍ୟ ଆରମ୍ଭ ହେଲା ।

ଅଣୁଯୋଜନା ଅନୁସାରେ ୬୦ ହେକ୍ଟର ଏଏନଆର ଅଞ୍ଚଳ ସଫା କରାଗଲା । ଏହି ଗ୍ୟାପ ଅଞ୍ଚଳରେ ୧୮୦୦୦ ଗଛ ଲଗାଗଲା । ଏଥିସହ ଆଉ ଦୁଇ ହେକ୍ଟର ଅଞ୍ଚଳରେ ଜାଳେଣୀ ଓ ଗୋଖାଦ୍ୟ ଚାରା ଲଗାଗଲା । ଏହି ଦୁଇ ହେକ୍ଟର ଚାରାରୋପଣ କେବଳ ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ ପାଇଁ ଲଗାଯାଇଛି । ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ପାଇଁ ଅର୍ଦ୍ଧଚନ୍ଦ୍ର ଖାଇ ଖୋଳାଯିବା ସହ ବନ୍ଧ ବନ୍ଧାଯାଇଛି । ମୃତ୍ତିକା କ୍ଷୟ ରୋକିବା ପାଇଁ ବୋଲଡର ଦେଇ ପ୍ୟାକିଂ କରାଯାଇଛି ।

ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମ ଅଧୀନରେ ଗାଁ ମଝିରେ ଥିବା ଏକ ବଉଳ ଗଛ ଚାରିପଟେ ସିମେଣ୍ଟ ବେଢ଼ା ନିର୍ମାଣ କରାଯାଇଛି । ଗାଁ ଲୋକେ ସେଠାରେ ଅବସର ସମୟ ବିତାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରୁଛନ୍ତି । ଏକ ପାଠାଗାର ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରହିଛି । ଯେଉଁଥିରେ ଗ୍ରାମବାସୀଙ୍କ ସହାୟତା ପାଇଁ ବନ ପରିଚାଳନା, କୃଷି, ଉଦ୍ୟାନ କୃଷି, ଅଣୁ ଯୋଜନା, ଜୈବିକ ଖତ ପ୍ରସ୍ତୁତି ଉପରେ ପୁସ୍ତକ ରଖାଯିବାର ଯୋଜନା ରହିଛି ।

ଜେବିଆଇସି ମିଶନ ଦଳ ଓ ଅନଗୁଳ ବନ ସଂରକ୍ଷକ ଏହି ବନ ସଂରକ୍ଷଣ ସମିତିକୁ ୨୦୦୮ ମଇ ମାସରେ ପରିଦର୍ଶନରେ ଆସିଥିଲେ । ଭିଏସଏସ ସଭ୍ୟଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନାବେଳେ ସେମାନେ ବିଶେଷ ଖୁସି ହୋଇଥିଲେ ।

ଗ୍ରାମବାସୀ ଏବେ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟରେ ଅତି ଆଗ୍ରହ ଦେଖାଉଛନ୍ତି ଓ ସେମାନେ ମିଳିତଭାବେ କାମ କରିବା ଦ୍ୱାରା କିପରି ଗ୍ରାମର ବିକାଶ ହୋଇପାରୁଛି ତାହା ମର୍ମେ ମର୍ମେ ଅନୁଭବ କରିପାରିଛନ୍ତି ।

**ବିରଞ୍ଚି ନାରାୟଣ ପ୍ରଧାନ,** ବରିଷ୍ଠ ଏଫଇଓ, ଅନଗୁଳ ଡିଏମୟୁ



## - ହାତୀ କବଳରୁ ଫସଲ ରକ୍ଷା ପାଇଁ ସ୍ୱଟଲାଇଟ୍

କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ପାଟଣା ରେଞ୍ଜର ଲୋକେ ବର୍ଷ ସାରା ହାତୀ ଉପଦ୍ରବ ଦ୍ୱାରା ଫସଲହାନୀର ସମ୍ମୁଖୀନ ହୁଅନ୍ତି । ମୁଖ୍ୟତଃ ଧୋବାପିଟଣା, ଯମୁନାପାଣି, ପଦମପୁର ଓ ଗୋଡ଼ିପୋଖରୀ ଗ୍ରାମର ଲୋକଙ୍କର ହାତୀ ଉପଦ୍ରବ ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହୁଏ । ବନ ବିଭାଗର ସ୍ୱତନ୍ତ୍ର ହାତୀ ଘଉଡ଼ାଇବା ଦଳ ତାର କାମ କରେ ମାତ୍ର ତାହା ସବୁ ସମୟରେ ଆବଶ୍ୟକତା ପୂରଣ କରିପାରେ ନାହିଁ । ଅନ୍ୟ ଏକ ଉପାୟ ହେଲା ସ୍ୱଟଲାଇଟ୍, ଯାହାକୁ କି ଗ୍ରାମବାସୀ କିଣିପାରିବେ ନାହିଁ ।

ଏପରି ସମୟରେ ଏହି ଗ୍ରାମଗୁଡ଼ିକରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେଲା । ଓଏଫଏସଡିପି ଏହି ଗ୍ରାମଗୁଡ଼ିକର ଲୋକଙ୍କୁ ଏକାଠି କଲା ଓ ପ୍ରବେଶ କେନ୍ଦ୍ର କାର୍ଯ୍ୟକଳାପ ଅଧୀନରେ ସେମାନଙ୍କର ଦାବି ସ୍ୱଟଲାଇଟର ଆବଶ୍ୟକତା ପୂରଣ କଲା ।

"ଆମେ ଏବେ ଜମିରୁ ବିନା ଭୟରେ ଫସଲ ଅମଳ କରୁଛୁ" ବୋଲି କହନ୍ତି, ଗୋପପୁର ବନ ସଂରକ୍ଷଣ ସମିତିର ସଭାପତି ଲକ୍ଷ୍ମୀଧର ମହାକୁଡ଼ । "ଆମ ଫସଲ କ୍ଷେତରୁ ହାତୀଙ୍କ ଲାଗି ଆମେ କ୍ଷତି ସହୁଥିଲୁ । ବନ ବିଭାଗ ତାର କ୍ଷତିପୂରଣ ଦେଉଥିଲା, ମାତ୍ର ତାହା ଅଭାବ ପୂରଣ କରିପାରୁ ନଥିଲା । କିନ୍ତୁ ଏ ବର୍ଷ ଆମେ ସେହି ପରିସ୍ଥିତିର ସମ୍ମୁଖୀନ ହୋଇନାହୁଁ" ବୋଲି କହନ୍ତି, ଧୋବାପିଟଣା ବନ ସଂରକ୍ଷଣ ସମିତିର ସଭାନେତ୍ରୀ ବୈଜୟନ୍ତି ଦଳେଇ ।

ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ସ୍ୱଟଲାଇଟ ଗ୍ରାମବାସୀଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବ । ଏଥିସହ ମନୁଷ୍ୟ-ପଶୁ ବିବାଦକୁ ମଧ୍ୟ ପରବର୍ତ୍ତୀ କାଳରେ କମ କରିବାରେ ସାହାଯ୍ୟ କରିବ ।

**ମଧୁସୂଦନ ପାତ୍ର,** ରେଞ୍ଜ ଅଫିସର, ପାଟଣା
**ଶରତ କୁମାର ତ୍ରିପାଠୀ,** ଦଳପତି ଲ୍ୟାମ୍ପ, କେନ୍ଦୁଝର ଡିଏମୟୁ

# ବଡ଼ଦାଣ୍ଡସାହିର ଯୁବତୀଙ୍କୁ ସିଲେଇ ସହଯୋଗ



ଅନଗୁଳ ବନଖଣ୍ଡର ପୁରୁଣାଗଡ଼ ରେଞ୍ଜ ଅନ୍ତର୍ଗତ ବଡ଼ଦାଣ୍ଡସାହି ଗ୍ରାମବାସୀ କାଠ ଆବଶ୍ୟକତା ପୂରଣ ପାଇଁ ନିକଟସ୍ଥ ଜଙ୍ଗଲ ଉପରେ ନିର୍ଭର କରନ୍ତି । କିଛି ବର୍ଷ ତଳେ ସେମାନେ ଗଛ କାଟିବାର କୁପ୍ରଭାବ ଅନୁଭବ କରିବା ପରେ ଜଙ୍ଗଲ ଜଗିବା ଆରମ୍ଭ କଲେ । ୨୦୦୬-୦୭ରେ ଓଏଫ୍ଏସ୍ଡିପିରେ ଏହି ଗ୍ରାମ ସାମିଲ ହେଲା ଓ ଗ୍ରାମବାସୀ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲେ । ବନ ସଂରକ୍ଷଣ ସମିତି ଫଣ୍ଡରୁ ସେମାନଙ୍କୁ ଦୁଇଟି ସିଲେଇ ମେସିନ ପ୍ରଦାନ କରାଗଲା । ଗ୍ରାମର ଯୁବତୀମାନଙ୍କୁ ସିଲେଇ ତାଲିମ ଦେବାକୁ ଜଣେ ସିଲେଇ ଶିକ୍ଷକଙ୍କୁ ମଧ୍ୟ ନିଯୁକ୍ତ କରାଗଲା । ବର୍ତ୍ତମାନ ସୁଦ୍ଧା ୨୪ ଜଣ ଯୁବତୀ ସିଲେଇ ଶିଖି ସେଥିରୁ ରୋଜଗାର କରିବା ଆରମ୍ଭ କଲେଣି । ଲାଭାଂଶରୁ ସେମାନେ ସିଲେଇ ଶିକ୍ଷକଙ୍କ ପାରିଶ୍ରମିକ ପ୍ରଦାନ କରୁଥିବାବେଳେ ବନ ସଂରକ୍ଷଣ ସମିତିରୁ ନେଇଥିବା ଋଣ ମଧ୍ୟ ପରିଶୋଧ କରୁଛନ୍ତି । ଏହି କାର୍ଯ୍ୟ ସଫଳ ହେବା ପରେ ପ୍ରକଳ୍ପ ଅନ୍ତର୍ଗତ ଅନ୍ୟ ଜୀବିକା ନିର୍ବାହପନ୍ଥା ଉପରେ ମଧ୍ୟ ଗ୍ରାମବାସୀ ଉତ୍ସୁକତା ଦେଖାଉଛନ୍ତି । ଏହା ସମ୍ଭବ ହୋଇପାରିଲେ ଜଙ୍ଗଲ ଉପରେ ସେମାନଙ୍କ ନିର୍ଭର କରିବା କମିଯିବ ।

ସୁଧାଂଶୁ ଶେଖର ଶିଷ, ଏଫଏମୟୁ, ଅନଗୁଳ

## ଆୟକାରୀ ସହାୟତାରେ ୧୪୬ ସ୍ୱୟଂ ସହାୟକ ଗୋଷ୍ଠୀ ଲାଭବାନ



'ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ବିଶ୍ଳେଷଣ' ଓ 'ବ୍ୟାବହାରିକ ଗବେଷଣା' ଦ୍ୱାରା ପ୍ରକଳ୍ପ ନିର୍ଦ୍ଦିଷ୍ଟ ଆୟକାରୀ କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେବାକୁ ଯୋଜନା ରଖିଛି ଓ ଏହି ବିଶ୍ଳେଷଣ ଓ ଗବେଷଣା ଜାରି ରହିଛି । ଇତି ମଧ୍ୟରେ ଅଣକାଷ୍ଠ ବନ ପ୍ରକଳ୍ପର ଅଭାବୀ ବିକ୍ରି ରୋକିବା ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟକ ହେଉଥିବା ତଥା ବନ ସଂରକ୍ଷଣ ସମିତି ଦ୍ୱାରା ଚିହ୍ନଟ ଅନ୍ୟ କାର୍ଯ୍ୟକ୍ରମକୁ ସହଯୋଗ ଯୋଗାଇଦେବାକୁ ନିଷ୍ପତ୍ତି ଗ୍ରହଣ କରାଗଲା ।

ଏଥିପାଇଁ ବନ ସଂରକ୍ଷଣ ସମିତି ଆବର୍ତ୍ତନ ପାଣ୍ଠିରୁ ବିଭିନ୍ନ ସ୍ଥାନରେ ୧୪୬ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୮.୬୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଗଲା । ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକଳାପରେ ସେହି ଟଙ୍କାକୁ ବିନିଯୋଗ କଲେ । ସେମାନେ ମୁଖ୍ୟତଃ ଛଅଟି କ୍ଷେତ୍ର ଯଥା, ଅଣକାଷ୍ଠ ବନ ପ୍ରକଳ୍ପ, ବିଭିନ୍ନ କୃଷିଭିତ୍ତିକ ଚାଷ, କ୍ଷୁଦ୍ର ବ୍ୟବସାୟ, ପଶୁସମ୍ପଦ, ମାଛ ଚାଷ ଓ ପନିପରିବା ଚାଷରେ ଉକ୍ତ ଟଙ୍କା ବିନିଯୋଗ କରୁଛନ୍ତି ।

## ଜଙ୍ଗଲ ଫାର୍ମ ନର୍ସରୀ ଲାଭର ଆଶା

ଭଦ୍ରକ ବନଖଣ୍ଡ ଅନ୍ତର୍ଗତ ସାତଭଉଣୀ ଫାର୍ମ ଜଙ୍ଗଲ ନର୍ସରୀ ସଫଳତାର ରାସ୍ତା ଦେଖାଉଛି । ଏହି ନର୍ସରୀର କାର୍ଯ୍ୟ ୨୦୦୮ ଜାନୁୟାରୀରେ ଆରମ୍ଭ ହୋଇଥିଲା । ସ୍ଥାନୀୟ ଚାଷୀଙ୍କ ପାଇଁ ନର୍ସରୀରେ ଉଭୟ ଜଙ୍ଗଲଭିତ୍ତିକ ଓ ଉଦ୍ୟାନକୃଷିଭିତ୍ତିକ ୨୦,୦୦୦ ଚାରା ଉତ୍ପାଦନ କରିବା ଲକ୍ଷ୍ୟ ରଖାଯାଇଥିଲା । ଜଙ୍ଗଲ ପାଇଁ ଶାଳ, ଆକାଶିଆ, ଶିଶୁ, ପେସ୍ତାବାଦାମ, ହରିଡ଼ା ଓ ଅଁଳା ଏବଂ ଉଦ୍ୟାନ କୃଷି ପାଇଁ ସଜନା, ଲେମ୍ବୁ, ନଡ଼ିଆ, ଅମୃତଭଣ୍ଡା ଓ ଗୁଆ ଚାରା ଉତ୍ପାଦନ କରାଯାଇଥିଲା । ଏହି ଚାରାଗୁଡ଼ିକର ବିକ୍ରି ଜୁଲାଇ ମାସରେ ଆରମ୍ଭ ହୋଇ ସେପ୍ଟେମ୍ବର ମାସରେ ଶେଷ ହୋଇଥିଲା । ୬୦ଟି ଗ୍ରାମର ୬୬୫ଜଣ ଚାଷୀ ୮,୩୧୧ ଟି ଚାରା ଓ ୨୫୦ଟି ଇକୋ କ୍ଲବ୍ ୧୧,୬୮୯ଟି ଚାରା ଖରିଦ କରିଥିଲେ । ସମସ୍ତ ୨୦ ହଜାର ଚାରା ବିକ୍ରି ହୋଇଗଲା । ନର୍ସରୀରେ ମୋଟ ୭୪,୪୯୦ ଟଙ୍କା ଲାଗାଯାଇଥିବାବେଳେ ଚାରା ବିକ୍ରିରୁ ୧,୧୭,୮୦୮ ଟଙ୍କା ମିଳିଥିଲା । ଯେଉଁଥିରୁ ମାତ୍ର ନଅ ମାସ ମଧ୍ୟରେ ୪୩,୩୧୭ ଟଙ୍କା ଲାଭ ମିଳିଥିଲା ।

ଏହି ଅଭିଜ୍ଞତାରୁ ଯାହା ଜଣାଯାଉଛି, ଫାର୍ମ ଜଙ୍ଗଲ ଏହି ଅଞ୍ଚଳରେ ବିକଶିତ ହେଉଛି । ଚାଷୀମାନେ ଅନୁର୍ବର ଜମି ଓ ଘର ପଛ ଜମିରେ ଉଦ୍ୟାନକୃଷିଭିତ୍ତିକ ଚାରା ଲଗାଇ ବଢ଼ାଉଛନ୍ତି । ଏହାଦ୍ୱାରା ଚାଷୀଙ୍କର ଜଙ୍ଗଲରେ ନିର୍ଭର କରିବା କମିଯିବା ସହ ସେହି ସମୟରେ ଏପରି ବୃକ୍ଷରୋପଣ ଦ୍ୱାରା ଆର୍ଥିକ ବିକାଶ ମଧ୍ୟ ଘଟାଇପାରିବେ ।



ଆୟ ବୃଦ୍ଧି କରିବା ପାଇଁ କୌଣସି ବ୍ୟକ୍ତିବିଶେଷ କିମ୍ବା ଗୋଷ୍ଠୀ ଦ୍ୱାରା ଫାର୍ମ ଜଙ୍ଗଲ ନର୍ସରୀ ଆରମ୍ଭ କରାଯାଇପାରିବ । ତେଣୁ ସବୁଜିମା ପାଇଁ ପୁଞ୍ଜିନିବେଶ କରନ୍ତୁ, ଯାହାକି ଦୁଇବର୍ଷରେ ପୁଞ୍ଜିଲଗାଣର ଦୁଇଗୁଣ ଫଳ ପ୍ରଦାନ କରିବ । ବ୍ୟାଙ୍କ ଓ ଅନ୍ୟ କମ୍ପାନୀରେ ଏପରି ହେବାକୁ ୬.୫ବର୍ଷ ଲାଗୁଛି ।



# ଚିଡି ...ପ୍ରକଳ୍ପ ଧୂନରେ ସ୍ୱର ମିଶାଉଛି

ଚିଡି, ରାଉରକେଲା ବନଖଣ୍ଡର ଗୁରୁଣ୍ଡିଆ ବ୍ଲକ୍ ଅଧୀନ ଚାନ୍ଦିପୋଷ ପଞ୍ଚାୟତ ଅନ୍ତର୍ଗତ ଏକ ଆଭ୍ୟନ୍ତରୀଣ ଗ୍ରାମ । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୧୦ କି.ମି. ଦୂରରେ ଥିବା ଏହି ଗ୍ରାମକୁ ମୋରମ ଓ ମେଟାଲ ରାସ୍ତା ରହିଛି । ଗ୍ରାମର ଉତ୍ତର ପୂର୍ବରେ ସଂରକ୍ଷିତ ଜଙ୍ଗଲ ଥିବାବେଳେ ଉତ୍ତର ପଶ୍ଚିମରେ ବ୍ରାହ୍ମଣୀ ନଦୀ ରହିଛି । ଗ୍ରାମରେ ମାତ୍ର ୯୧ଟି ପରିବାର ରହୁଥିବାବେଳେ ଜନସଂଖ୍ୟା ୩୬୩ । ସେମାନଙ୍କ ଚାଷ ସମ୍ପୂର୍ଣ୍ଣଭାବେ ବର୍ଷା ଉପରେ ନିର୍ଭର କରେ । ଗ୍ରାମରେ ମୋଟ ଚାଷ ଜମି ପରିମାଣ ହେଉଛି ୨୬୭.୭୪ ଏକର । ମୋଟ ୮୭ ଜଣ ଚାଷୀଙ୍କ ମଧ୍ୟରୁ ୫୦ ଜଣ ମାର୍ଜିନାଲ, ଛଅ ଜଣ ମଧ୍ୟମ ଓ ୩୧ ଜଣ କ୍ଷୁଦ୍ର ଚାଷୀ ।

ଗ୍ରାମର ମୁଖ୍ୟ ଜୀବିକା ଚାଷ ଓ ପାଖରେ ବ୍ରାହ୍ମଣୀ ନଦୀ ବହିଯାଇଥିବାରୁ ୧୯୭୬ରେ ଉଠାଜଳସେଚନ ବିଭାଗ ଦ୍ୱାରା ଗ୍ରାମରେ ଏକ ଉଠା ଜଳସେଚନ ପଏଣ୍ଟ ପ୍ରତିଷ୍ଠା କରାଯାଇଥିଲା । ମାତ୍ର କାର୍ଯ୍ୟକାରୀ ହେବାର ତିନି ବର୍ଷ ପରେ ଉଠା ଜଳସେଚନ ପଏଣ୍ଟଟି ଅକାମୀ ହୋଇପଡ଼ିଲା ଓ ରକ୍ଷଣାବେକ୍ଷଣ ପାଇଁ କୌଣସି ଅର୍ଥ ନ ଥିବାରୁ ପାଣି କେନାଲ ଓ ପଏଣ୍ଟର ମରାମତି ହୋଇପାରିଲା ନାହିଁ ।



୨୦୦୭ରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏଠାରେ ଆରମ୍ଭ ହେଲା ଓ ଗୋଟିଏ ବନ ସଂରକ୍ଷଣ ସମିତି ଗଠନ କରାଗଲା । ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସମୟରେ ସଭା ସମିତି ଓ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଗଲା । ଗ୍ରାମବାସୀଙ୍କ ସହଯୋଗରେ ଅଣୁ ଯୋଜନା ପ୍ରସ୍ତୁତ କରାଗଲା । ଅଣୁ ଯୋଜନା ପ୍ରସ୍ତୁତି ସମୟରେ ଗ୍ରାମବାସୀ ପାଣି କେନାଲ ମରାମତି କରିବା ପାଇଁ ନିଷ୍ପତ୍ତି ନେଲେ ଓ ପ୍ରକଳ୍ପର ପ୍ରବେଶ କେନ୍ଦ୍ର କାର୍ଯ୍ୟକଳାପ ଅଧୀନରେ ତାହା କରାଗଲା । ଫଳରେ ଏବେ ସେମାନେ ୨୦ ଏକର ଜମିରେ ଆୟକାରୀ ସୂର୍ଯ୍ୟମୁଖୀ, ଲଙ୍କା, ଭେଣ୍ଡି, ଟମାଟୋ, କଖାରୁ, କାକୁଡ଼ି, କଲରା ଓ ବିନ୍ସ ଆଦି ଚାଷ କରୁଛନ୍ତି ।

ଏହି କାମରେ ୬୫,୬୫୦ ଟଙ୍କା ଖର୍ଚ୍ଚ ହୋଇଛି । ଏବେ ୩୭ ଜଣ ଚାଷୀ ୫୦ ଏକର ଜମିରେ ଚାଷ କରିପାରିବେ । ଏପରି କାମ ଦ୍ୱାରା ପ୍ରକଳ୍ପ ଉପରେ ଲୋକଙ୍କର ବିଶ୍ୱାସ ବୃଦ୍ଧି ପାଇଛି ଓ ସେମାନେ ପ୍ରକଳ୍ପ କର୍ମଚାରୀଙ୍କ ସହ ମିଳିତଭାବେ କାମ କରିବାକୁ ଆଗଭର ହେଉଛନ୍ତି । ଏହି ଗ୍ରାମର ଜୀବନ ରେଖା ପୁଣି ଶୁଖିଲା କ୍ଷେତକୁ ପାଣି ନେଇ ଗ୍ରାମର ସମୃଦ୍ଧିକୁ ବୃଦ୍ଧି କରିବା ସହ ଗରିବ ଗ୍ରାମବାସୀଙ୍କୁ ଖୁସି ଆଣିଦେଇଛି ।

# ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡରେ ହେନ୍ତାଳ ଚାରାର ସଫଳ ଉତ୍ପାଦନ

ସ୍ଥଳଭାଗରେ ଜୁଆର ପ୍ରବେଶ ରୋକିବାରେ ଏକ ଭଲ ମାଧ୍ୟମ ହେଉଛି ହେନ୍ତାଳ ବନ । ଏହାର ପ୍ରଭାବକୁ ଲକ୍ଷ୍ୟରେ ରଖି ଉପକୂଳ ଅଞ୍ଚଳରେ ଆଗାମୀ ବୃକ୍ଷରୋପଣ ଋତୁରେ ଏପରି ବୃକ୍ଷରୋପଣ ପାଇଁ ଏକ ସ୍ୱତନ୍ତ୍ର ନର୍ସରୀ ସୃଷ୍ଟି କରାଯାଇଛି । ହେନ୍ତାଳ ଚାରା ପୁନଃଉତ୍ପାଦନ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିବାରୁ ନର୍ସରୀ ସୃଷ୍ଟି କରିବା କାଠିକର ପାଠ ଥିଲା । ଯେତେଦୂର ଜଣାଯାଏ, ଓଡ଼ିଶାର କୌଣସି ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ କେବେ ବି ଏହା ସଫଳତାର ସହ କରାଯାଇପାରି ନାହିଁ ।

କିନ୍ତୁ, ବାଲେଶ୍ୱର ବନଖଣ୍ଡ ଅଧିକାରୀ ତଥା ବନଖଣ୍ଡ ପରିଚାଳନା କେନ୍ଦ୍ର ମୁଖ୍ୟ ଅମିତାଭ ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ଜଳେଶ୍ୱର କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ବିଚିତ୍ରପୁର ନର୍ସରୀରେ ଏପରି ମଞ୍ଜିର ଅଙ୍କୁରୋଦ୍‌ଗମ କରାଗଲା । ପରେ ସେହି ମଞ୍ଜିକୁ ପଲିଥିନ୍‌ରେ ରଖାଗଲା ।

ଭୁଲ ଭଟକା ସହ ଏହିପରି ଧାରାରେ ଉଦ୍ୟମ ଆରମ୍ଭ କରାଯାଇଥିଲା । ପୂର୍ବରୁ ହେନ୍ତାଳର ଏହି ମଞ୍ଜି ଓଦା ମାଟିରେ ଓ ପଙ୍କରେ ରଖାଯାଇ ଚାରା କରାଯିବାର ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା ।

ହେନ୍ତାଳ ମଞ୍ଜିକୁ ବୁଣାଯାଇ ଦ୍ୱିତୀୟ ଉଦ୍ୟମ ଆରମ୍ଭ କରାଯାଇଥିଲା । ଏଥିପାଇଁ ୧୭ ଜୁନ୍ ୨୦୦୮ରେ ୭ରୁ୮ଟି ହେନ୍ତାଳ ଗଛ ଚିହ୍ନଟ କରାଯାଇ ପାଚିଲା ମଞ୍ଜି ସଂଗ୍ରହ କରାଗଲା । ଦୁଇଟି ପରିବେଶରେ ଏହି ମଞ୍ଜିଗୁଡ଼ିକୁ ତିନୋଟି ସ୍ଥାନରେ ମାଟିଶଯ୍ୟାରେ ପୋତାଗଲା । ପ୍ରଥମ ମାଟି ସମତଳ ଶଯ୍ୟାରେ ବାଲି ପକାଯାଇ ପରେ ପାଣି ଛିଞ୍ଚାଯାଇ ମଞ୍ଜି ପୋତାଯାଇଥିବାବେଳେ ଦ୍ୱିତୀୟ ଓ ତୃତୀୟ ଉଠା ଶଯ୍ୟାରେ ପଙ୍କରେ ମଞ୍ଜି ପୋତାଗଲା । ଏହି ଦୁଇ ଶଯ୍ୟାରେ ସମୁଦ୍ରପାଣି ଛିଞ୍ଚାଗଲା । ଉଭୟ ଶଯ୍ୟାରେ ୨୦୦୮ ଜୁନ୍ ୨୦ରେ ୫୦୦୦ ମଞ୍ଜି ପୋତାଗଲା । ଏ ଭିତରୁ ପ୍ରଥମ ଶଯ୍ୟାରେ ୩୦୦୦ ମଞ୍ଜିରୁ ଅଙ୍କୁରୋଦ୍‌ଗମ ହେଲା ୨୧ ଅଗଷ୍ଟ ୨୦୦୮ରେ । ମାତ୍ର ୩୦୦୦ ଲେଖାଏଁ ମଞ୍ଜି ପୋତାଯାଇଥିବା ଦ୍ୱିତୀୟ ଓ ତୃତୀୟ ଶଯ୍ୟାରୁ ୨୫୦୦ ମଞ୍ଜିର ଅଙ୍କୁରୋଦ୍‌ଗମ୍ ହେଲା ପ୍ରଥମ ଶଯ୍ୟାର ଅଙ୍କୁରୋଦ୍‌ଗମର ୧୦ ଦିନ ପରେ ।



ଅଙ୍କୁରଦ୍‌ଗମ୍‌ର ଗୋଟିଏ ସପ୍ତାହ ପରେ ଚାରାଗୁଡ଼ିକୁ ବାଲି, ପଙ୍କ ଓ ସିଡ଼ିଏମ ଥିବା ପଲିଥିନରେ ରଖାଗଲା । ଆଗାମୀ ବୃକ୍ଷରୋପଣ ଋତୁରେ ପ୍ରକଳ୍ପ ଅଧୀନରେ ଏହା ରୋପଣ କରାଯିବ ।















# ମହାରାଷ୍ଟ୍ରରୁ ପରିଭ୍ରମଣର ଅଭିଜ୍ଞତା

ପ୍ରକଳ୍ପ ୧୭ ଜଣ ଅଫିସର (୧୪ ବନଖଣ୍ଡ ଓ ବନ୍ୟପ୍ରାଣୀ ବନଖଣ୍ଡରୁ ଏସିଏଫ ଓ ରେଞ୍ଜ ଅଫିସର)ଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳ ପ୍ରୟୋଗ ଓ ସେଗୁଡ଼ିକ ଯେପରି ପରବର୍ତ୍ତୀକାଳରେ ପ୍ରକଳ୍ପ ଅଞ୍ଚଳରେ ପ୍ରୟୋଗ କରାଯାଇପାରିବେ ସେ ଉପରେ ଅଭିଜ୍ଞତା ହାସଲ ପାଇଁ ମହାରାଷ୍ଟ୍ର ପଠାଇଥିଲା । ଅଫିସରମାନେ ୨୦୦୮ ସେପ୍ଟେମ୍ବର ୨୦ରୁ ୨୯ ତାରିଖରେ ଯାଏଁ ସଗୁନାବାଗ, ସଞ୍ଜୟ ଗାନ୍ଧୀ ଜାତୀୟ ଉଦ୍ୟାନ, ରଶ୍ମୀ ଉଦ୍ୟାନ ଓ ହିବରେ ବଜାର ଅଞ୍ଚଳ ବୁଲି ଦେଖିଥିଲେ । ଏହି ଭ୍ରମଣକାରୀ ଦଳ କୃଷି-ପରିବେଶ ପର୍ଯ୍ୟଟନ ଓ ମୃତ୍ତିକା ଜଳ ସଂରକ୍ଷଣ ପଦକ୍ଷେପ ଉପରେ ସେମାନଙ୍କ ଅଭିଜ୍ଞତା ଓ ଶିକ୍ଷା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବୈଠକରେ ବାଣ୍ଟିଥିଲେ ।

ସଗୁନା ବାଗରେ ପରିବେଶକୁ ସୁହାଇବା ପରି ଉଦ୍ୟୋଗ କୌଶଳ ପ୍ରୟୋଗ କରାଯାଇଛି । ଯେଉଁଠାରେ କି ପର୍ଯ୍ୟଟନ ସ୍ଥଳୀରେ ଆଧୁନିକ କୌଶଳର ସମନ୍ୱୟ ଦେଖିବାକୁ ମିଳିଛି । ସେଠାରେ ବିଭିନ୍ନ ଧରଣର ଆୟକାରୀ କାର୍ଯ୍ୟକ୍ରମ ଯାହାକି ଦୁଗ୍ଧ ଉତ୍ପାଦନ, ପର୍ଯ୍ୟଟନ କୁଟୀର, ମାଛ ଚାଷ ଓ ଉଦ୍ୟାନର ସମ୍ମିଶ୍ରଣ ଦେଖିବାକୁ ମିଳିଥିଲା । ଅତ୍ୟଧିକ ଜନବହୁଳ ଅଞ୍ଚଳରେ ଥିବା ସଞ୍ଜୟ ଗାନ୍ଧୀ ଜାତୀୟ ଉଦ୍ୟାନ ଚତୁର୍ପାର୍ଶ୍ୱରେ ମଣିଷ-ପଶୁ ବିବାଦକୁ କିପରି ସମାଧାନ କରାଯାଇପାରିଛି । ପରିବେଶ ନୀତିର ବିକାଶ ଓ ଜୈବ ବିବିଧତାର ଆବଶ୍ୟକତା ଏବଂ ବଣଭୋଜିସ୍ଥଳ ତଥା ଜଳପ୍ରପାତଗୁଡ଼ିକରେ ତାହାର କାର୍ଯ୍ୟକାରିତା ଆଦି ପ୍ରକଳ୍ପ ଅଞ୍ଚଳରେ ଲାଗୁ କରାଯିବା ପରି ଧାରଣା ଥିଲା । ଏହାବାଦ ଅଫିସରମାନେ ରଶ୍ମୀ ଉଦ୍ୟାନ ବୁଲିବା ସହ ସେଠାରେ ଉଚ୍ଚ ଜ୍ଞାନ କୌଶଳରେ ଚାଲୁଥିବା ଉଦ୍ୟାନ କୃଷି ଓ ନର୍ସରୀ ଉତ୍ପାଦନ ପାଇଁ ପଲିଥିନ୍ ଘର ଏବଂ ପଲିଥିନ୍ ସୁଡ଼ଙ୍ଗ ଆଦି ବୁଲି ଦେଖିଥିଲେ । ହିବରେ ବଜାର ଯିବା ରାସ୍ତାରେ ସେମାନେ ମୃତ୍ତିକା ଓ ଜଳ ସଂରକ୍ଷଣର ଭିନ୍ନ ଭିନ୍ନ ନମୁନା ଦେଖିଲେ ଯାହାକି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ବ୍ୟାପକ ଭାବେ ପ୍ରୟୋଗ କରାଯାଇପାରିବ । ଏପରି ଉଦ୍ୟୋଗ କୌଶଳ ଓ ଜ୍ଞାନ କୌଶଳକୁ ଏକତ୍ର କରି ଓ ପରିଭ୍ରମଣରୁ ମିଳିଥିବା ଅଭିଜ୍ଞତାକୁ ବନ ସଂରକ୍ଷଣ ସମିତି ସ୍ତରରେ ପହଞ୍ଚାଇବା ସହ ଏକ ସମ୍ପୂର୍ଣ୍ଣ ଢାଞ୍ଚା ପ୍ରସ୍ତୁତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି । ଗୋଷ୍ଠୀଭିତ୍ତିକ ପର୍ଯ୍ୟଟନ ବିକାଶ, ବର୍ତ୍ତମାନ ଥିବା ଇକୋକ୍ଲବର ବିକାଶ ପାଇଁ ପଦକ୍ଷେପ ଓ ସ୍ଥାନୀୟ ଉପକରଣ ବ୍ୟବହାର କରି କମ୍ ଖର୍ଚ୍ଚର ଭିତ୍ତିଭୂମି ବିକାଶ ଉପରେ ପ୍ରକଳ୍ପ ନିର୍ଦ୍ଦେଶକ ଗୁରୁତ୍ୱ ଦେଇଥିଲେ ।

## Project Glimpses






Thrasher procured by Kadapada VSS of Deogarh DMU from Project fund.



Project Director interacting with the community on different activities undertaken in a village of Bichitrapur FMU, Balasore Division.

Livelihood Support

## Planner
## Important Forthcoming Activities - November 2008 to February 2009

### ନଭେମ୍ବର ୨୦୦୮

୧. ବଳକା ଥିବା ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମ ଓ ପ୍ରଥମ ଦଫା ବନ ସଂରକ୍ଷଣ ସମିତିର ମୃତ୍ତିକା ଓ ଆଦ୍ରତା କାର୍ଯ୍ୟ ଶେଷ କରାଯିବ ।

୨. ବନ ସଂରକ୍ଷଣ ସମିତିର କାର୍ଯ୍ୟାଳୟ-ବୈଠକ ଗୃହକୁ କାର୍ଯ୍ୟକ୍ଷମ କରିବା ଓ ତାକୁ ଗ୍ରାମ୍ୟ ସମ୍ପଦ ଗୃହରେ ପରିଣତ କରିବା ।

୩. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକର ଅଣୁ ଯୋଜନା ଚୂଡ଼ାନ୍ତ କରି ତାକୁ ଅନୁମୋଦିତ କରିବା ।

୪. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକର ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମ ଆରମ୍ଭ କରିବା ।

୫. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକର କାର୍ଯ୍ୟାଳୟ-ବୈଠକ ଗୃହ ପାଇଁ ସ୍ଥାନ ଚିହ୍ନଟ କରିବା ସହ ସ୍ଥାନ ଅନୁସାରେ ଯୋଜନା ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିବା ।

୬. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକର ଅସ୍ଥାୟୀ ନର୍ସରୀଗୁଡ଼ିକର ବିକେନ୍ଦ୍ରୀକରଣ କାର୍ଯ୍ୟ ଆରମ୍ଭ କରିବା ।

୭. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକର ବୃକ୍ଷରୋପଣ ପୂର୍ବ ଓ ନର୍ସରୀ କାର୍ଯ୍ୟ ଉଭୟ ଯୁଗ୍ମ ବନ ପରିଚାଳନା ଓ ଅଣ ଯୁଗ୍ମ ବନ ପରିଚାଳନା ଦ୍ୱାରା ଆରମ୍ଭ କରିବା ।

୮. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକର ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମ ଆରମ୍ଭ କରିବା ।

୯. ବଳକା ତୃତୀୟ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକର ଯୁଗ୍ମ ବନ ପରିଚାଳନା ସ୍ଥାନ ନିରୂପଣ କରିବା ।

### ଡିସେମ୍ବର ୨୦୦୮

୧. ପ୍ରଥମ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକର ମୃତ୍ତିକା ଓ ଆଦ୍ରତା ସଂରକ୍ଷଣ କାର୍ଯ୍ୟ ତଥା ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବା। ।

୨. ଅଣ ଯୁଗ୍ମ ବନ ପରିଚାଳନା କାର୍ଯ୍ୟ ଯଥା - ବନର ସୀମା ନିର୍ଦ୍ଧାରଣ ବନ ରାସ୍ତା ଏବଂ ପ୍ରଥମ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକୁ ଯୋଡ଼ିବା ପାଇଁ ରାସ୍ତା ନିର୍ମାଣ ତଥା ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତି ପାଇଁ ସମାନ ଧରଣର କାର୍ଯ୍ୟ ପାଇଁ ସ୍ଥାନ ଚିହ୍ନଟ କରିବା ।

୩. ଦ୍ୱିତୀୟ ଦଫା ଯୁଗ୍ମ ବନ ପରିଚାଳନା ସ୍ଥାନ ପାଇଁ ବନ୍ୟ ହସ୍ତକ୍ଷେପର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଯୋଜନା ପ୍ରସ୍ତୁତ କରିବା ।

୪. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିର ସ୍ଥାନଭିତ୍ତିକ ମୃତ୍ତିକା ଓ ଆଦ୍ରତା କାର୍ଯ୍ୟ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯୋଜନା ପ୍ରସ୍ତୁତ କରିବା ।

୫. ସ୍ଥାୟୀ ନର୍ସରୀ ମଧ୍ୟରେ ରୁଟ୍ ଟ୍ରେନ୍‌ର ନର୍ସରୀ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବା ।

୬. ତୃତୀୟ ଦଫା ବନ ସଂରକ୍ଷଣ ସମିତି ତଥା ଯୁଗ୍ମ ବନ ପରିଚାଳନା ସ୍ଥାନ ନିରୂପଣ କରିବା ।

### ଜାନୁୟାରୀ ୨୦୦୯

୧. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିର ବୈଠକ ଗୃହ ନିର୍ମାଣ କରାଯିବ ।

୨. ଦ୍ୱିତୀୟ ଦଫା ଯୁଗ୍ମ ବନ ପରିଚାଳନା ସ୍ଥାନରେ ଯୋଜନା ହୋଇଥିବା ହସ୍ତକ୍ଷେପ ପାଇଁ ପୂର୍ବ ଓ ପର କାମ ଆରମ୍ଭ କରାଯିବ ।

୩. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିର ମୃତ୍ତିକା ଓ ଆଦ୍ରତା କାର୍ଯ୍ୟ ଓ ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମ ଜାରି ରହିବ ।

୪. ଅଗ୍ନି ସୁରକ୍ଷା ଯୋଜନା ପ୍ରସ୍ତୁତି କରିବା ଓ ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ ଅଞ୍ଚଳ ତଥା ପ୍ରଥମ ବର୍ଷ ବୃକ୍ଷରୋପଣ ସ୍ଥାନରେ ତାହା ପ୍ରୟୋଗ କରାଯିବ ।

୫. ତୃତୀୟ ଦଫା ଯୁଗ୍ମ ବନ ପରିଚାଳନା ସ୍ଥାନର ସର୍ଭେ ଓ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯିବ ।

### ଫେବୃୟାରୀ-୨୦୦୯

୧. ଯୁଗ୍ମ ବନ ପରିଚାଳନା ଓ ଅଣ ଯୁଗ୍ମ ବନ ପରିଚାଳନା ଅଧିନରେ ବୃକ୍ଷରୋପଣ ପୂର୍ବ ଓ ପର କାର୍ଯ୍ୟ ତଥା ନର୍ସରୀ କାର୍ଯ୍ୟ କରାଯିବ ।

୨. ଯୁଗ୍ମ ବନ ପରିଚାଳନା ଓ ଅଣ ଯୁଗ୍ମ ବନ ପରିଚାଳନା ଅଞ୍ଚଳରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ।

୩. ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିର କାର୍ଯ୍ୟାଳୟ ତଥା ବୈଠକ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବ ।

୪. ଦ୍ୱିତୀୟ ଦଫା ଯୁଗ୍ମ ବନ ପରିଚାଳନା ସ୍ଥାନରେ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟ ଜାରି ରହିବ ।

୫. ଦ୍ୱିତୀୟ ଦଫା ଯୁଗ୍ମ ବନ ସଂରକ୍ଷଣ ସମିତିର ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମ ଶେଷ କରାଯିବ ।

୬. ତୃତୀୟ ଦଫା ଯୁଗ୍ମ ବନ ପରିଚାଳନା ସ୍ଥାନର ସ୍ଥାନ ଚିହ୍ନଟ କାର୍ଯ୍ୟ ଶେଷ ହେବ ।

## ତ୍ରୈମାସର ପ୍ରକାଶନ




### ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମର ପରିଚାଳନା ନୀତି (ଇଂରାଜୀ ଏବଂ ଓଡ଼ିଆ)

ଗୋଷ୍ଠୀ ସମ୍ପଦ ସୃଷ୍ଟି କରି ଗୋଷ୍ଠୀ ପ୍ରସ୍ତୁତ କରିବାରେ ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ପ୍ରବେଶ କେନ୍ଦ୍ର କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ଓ ତାହାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ପ୍ରକଳ୍ପର କର୍ମଚାରୀ ତଥା ବନ ସଂରକ୍ଷଣ ସମିତିର ସଭ୍ୟଙ୍କ ପାଇଁ ପ୍ରକଳ୍ପ ଏହି ପ୍ରବେଶ ପରିଚାଳନା ନୀତି ପୁସ୍ତିକା ପ୍ରସ୍ତୁତ କରିଛି । ବନ ସଂରକ୍ଷଣ ସମିତି ନେତା ତଥା ଅନ୍ୟ କର୍ମକର୍ତ୍ତା ବୈଷୟିକ ଶବ୍ଦଗୁଡ଼ିକୁ ସମ୍ପୂର୍ଣ୍ଣଭାବେ ବୁଝିବା ପାଇଁ ପୁସ୍ତିକାକୁ ଉଭୟ ଇଂରାଜୀ ଓ ଓଡ଼ିଆରେ ପ୍ରକାଶ କରାଯାଇଛି ।

### ବନ ସଂରକ୍ଷଣ ସମିତି ଗଠନ ଓ ପରିଚାଳନା (ଭିଏସଏସ ମାନୁଆଲର ଓଡ଼ିଆ)

ବନ ସଂରକ୍ଷଣ ସମିତି ନେତା ଓ ସଭ୍ୟମାନଙ୍କ ବୁଝିବା ପାଇଁ ଭିଏସଏସ ମାନୁଆଲ ଏହି ଓଡ଼ିଆ ରୂପ ପ୍ରକାଶ କରାଯାଇଛି । ଏହି ପ୍ରକାଶନ ଦ୍ୱାରା ବନ ସଂରକ୍ଷଣ ସମିତି ଗଠନର ମୌଳିକ ଦିଗ, ପରିଚାଳନା ଧାରା ଓ ଗ୍ରାମର ସର୍ବାଙ୍ଗୀନ ବିକାଶରେ ବନ ସଂରକ୍ଷଣ ସମିତି ତଥା ଗୋଷ୍ଠୀ ସହଯୋଗିତାର ଗୁରୁତ୍ୱ ବୁଝିବାରେ ସହାୟକ ହେବ ବୋଲି ପ୍ରକଳ୍ପ ଆଶା କରୁଛି ।

### ଅଣୁ ଯୋଜନା (ସଂଶୋଧିତ) (ମାଇକ୍ରୋ ପ୍ଲାନର ଓଡ଼ିଆ ଫର୍ମାଟ)

ପ୍ରଥମ ଦଫା ଅଞ୍ଚଳରେ ଅଣୁ ଯୋଜନା ପ୍ରସ୍ତୁତି କାଳରେ ବହୁ ସଂଶୋଧନର ପ୍ରସ୍ତାବ ରହିଥିଲା । ସେହି ପ୍ରସ୍ତାବଗୁଡ଼ିକୁ ସଂଶୋଧିତ କରାଯାଇ ଓ ବିକଶିତ କରାଯାଇ ଦ୍ୱିତୀୟ ଦଫା ବନ ସଂରକ୍ଷଣ ସମିତିଗୁଡ଼ିକ ପାଇଁ ଓଡ଼ିଆରେ ପ୍ରକାଶ କରାଯାଇଛି ।

## ନିଯୁକ୍ତି/ଅବସର

୧. ଡଃ ଜେ.ପି. ସିଂହ, ଆଇଏଫଏସ ୮ ଜୁଲାଇ ୨୦୦୮ରେ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଆଡ଼ି ଏବଂ ଆର) ଭାବେ ଯୋଗଦେଇଛନ୍ତି ।

୨. ଶ୍ରୀ ବି.କେ. ସ୍ୱାଇଁ, ଆଇଏଫଏସ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ) ୩୦ ସେପ୍ଟେମ୍ବର ୨୦୦୮ ରେ ସରକାରୀ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି ।

୩. ଶ୍ରୀ ପି.କେ. ଜେନା ଏସିଏଫଙ୍କର ଭୁବନେଶ୍ୱର ସିଲଭିକଲଚର ଡିଭିଜନକୁ ବଦଳି ହୋଇଥିବାରୁ ସେ ୨୪ ଅକ୍ଟୋବର ୨୦୦୮ରେ ପିଏମୟୁ ଛାଡ଼ିଛନ୍ତି ।

OFSDP
Orissa Forestry Sector Development Project
Newsletter

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ / ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :

ଉପ ପ୍ରକଳ୍ପ ନିର୍ଦ୍ଦେଶକ
E-mail : webmail@ofsdp.org,

**ପ୍ରକାଶକ** : **ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି,** ରାଜ୍ୟ ବନ୍ୟ ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର ପରିସର ଘାଟିକିଆ, ଭୁବନେଶ୍ୱର - ୭୫୧ ୦୦୩
ଫୋନ : ୦୬୭୪-୨୩୮୪୦୧୬
ଫ୍ୟାକ୍ସ - ୦୬୭୪-୨୩୮୪୦୮୫
E-mail : webmail@ofsdp.org
http:\\www.ofsdp.org
ମୁଦ୍ରାକାର : **ଜ୍ୟୋତିଗ୍ରାଫିକ୍ସ**
ଫୋନ - ୦୬୭୪-୨୫୪୪୨୦୯
E-mail : jyotigraphics@gmail.com